ପ୍ରେସ୍ ନୋଟ୍

## ମାଟ୍ରିକ୍ ପରିକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବା A1 ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ ।

ଅନୁଗୋଳ,ତା.୧୨.୦୭:- ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ଚଳିତ ମାଟ୍ରିକ୍ ପରିକ୍ଷାରେ A1 ଗ୍ରେଡ୍‌ରେ ଉତ୍ତିର୍ଣ୍ଣ ହୋଇଥିବା ଅନୁଗୋଳ ଜିଲ୍ଲାର ୮୬ ଜଣ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ଆଜି ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ ସମ୍ବର୍ଦ୍ଧିତ କରିଛନ୍ତି । ଆଜି ଅପରାହ୍ଣରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାଂସଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୮୬ ଜଣ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ କଠିନ ପରିଶ୍ରମ କେବେ ବୃଥା ଯାଏ ନାହିଁ ବୋଲି ପ୍ରକାଶ କରିଥିଲେ । ଏହି ପରିଶ୍ରମ ବଳରେ ନିଜର ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା କରିବା ସହ ସେମାନଙ୍କ ଅଭିଭାବକମାନଙ୍କୁ ସାଧୁବାଦ ଜଣାଇଥିଲେ । ଶିକ୍ଷକ ଶିକ୍ଷୟତ୍ରୀମାନଙ୍କର ପ୍ରଗାଢ ଉଦ୍ୟମ ଓ ଛାତ୍ର ଛାତ୍ରୀମାନଙ୍କର ନିଷ୍ଠାପର କାର୍ଯ୍ୟ ସେମାନଙ୍କୁ ଏହି ସଫଳତା ଆଣି ଦେଇଛି । ଆମ ପ୍ରତିଭାକୁ ସଠିକ୍ ଭାବେ ଚିହ୍ନଟ କରିବା ସହ ସେମାନଙ୍କୁ ଉତ୍ସାହିତ କରିବା ଉପରେ ସାଂସଦ ଗୁରୁତ୍ୱାରୋପ କରିଥିଲେ । କୃତକାର୍ଯ୍ୟ ହୋଇଥିବା ଏହି ୮୬ ଜଣ ଛାତ୍ର ଛାତ୍ରୀଙ୍କ ସଫଳତା ପାଇଁ ସାଂସଦ ଖୁସି ପ୍ରକାଶ କରିଥିଲେ । କଠିନ ପରିଶ୍ରମ କରି ଆଗକୁ ଭଲ ପାଠ ପଢି ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ଜିଲ୍ଲା ଓ ରାଜ୍ୟର ସୁନାମ ଆଣିବାକୁ ସାଂସଦ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଅନୁଗୋଳ ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ଅକ୍ଷୟ କୁମାର ସାମନ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଶୈଳେଶ ନାଥ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହାଛଡା ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରପାଳିକା ଅଧ୍ୟକ୍ଷ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ରାଉତ, ବିଜେଡି ଛାତ୍ର ସଭାପତି ଶ୍ରୀ ରାଜିବ ଲୋଚନ ଦାସ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଲକ୍ଷଣ ବେହେରା, ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁନିଲ କୁମାର ପ୍ରଧାନଙ୍କ ସମେତ କୃତୀ ଛାତ୍ର ଛାତ୍ରୀ ଓ ସେମାନଙ୍କର ଅଭିଭାବକ,ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ବିଜୁ ଜନତା ଦଳ ଯୁବ ସଭାପତି ଶ୍ରୀ ଦିନେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୮୩ ତା.୧୨.୦୭.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


realme
Shot on realme 9 Pro+
2022.07.12 16:55


realme
Shot on realme 9 Pro+
2022.07.12 16:40